# ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍, ବିଦ୍ୟୁତ ଉତ୍ପାଦନ ଓ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର କ୍ଷେତ୍ରରେ ନିଜର ଅସାଧାରଣ କାର୍ଯ୍ୟଦକ୍ଷତା ପାଇଁ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି

ଭୁବନେଶ୍ୱର- ୩ ଜୁନ ୨୦୨୬

ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (OPGC), ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ନିଜର ଅସାଧାରଣ କାର୍ଯ୍ୟଦକ୍ଷତା ଏବଂ ବିଶ୍ୱସନୀୟତା ପ୍ରଦର୍ଶନ କରି ରାଜ୍ୟ କ୍ଷେତ୍ର (State Sector) ରେ ପ୍ରଥମ ସ୍ଥାନ ଅଧିକାର କରିଛି।




ଦେଶର ସମସ୍ତ ରାଜ୍ୟସ୍ତରୀୟ ବିଦ୍ୟୁତ ଉତ୍ପାଦନକାରୀଙ୍କ ମଧ୍ୟରେ *ପ୍ରଥମ। ସମଗ୍ର ଦେଶର ସମସ୍ତ କ୍ଷେତ୍ର (ସରକାରୀ ଏବଂ ବେସରକାରୀ) ମଧ୍ୟରେ **ଦଶମ* ସ୍ଥାନରେ ରହିଛି । ୧୦୦୦ ମେଗାୱାଟରୁ ଅଧିକ କ୍ଷମତା ସମ୍ପନ୍ନ ବୃହତ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ମଧ୍ୟରେ *ଷଷ୍ଠ* ସ୍ଥାନରେ ରହିଛି।

ଓପିଜିସିର ଏହି ଅଭୂତପୂର୍ବ ସଫଳତା, ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଦିଗଦର୍ଶନ ଏବଂ ନିରନ୍ତର ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି। ରାଜ୍ୟର ଶକ୍ତି କ୍ଷେତ୍ରକୁ ସ୍ୱାବଲମ୍ବୀ ଓ ସମୃଦ୍ଧ କରିବା ପାଇଁ ତାଙ୍କର ପ୍ରେରଣା ସଂସ୍ଥାର ପ୍ରଗତିକୁ ଏକ ନୂଆ ଗତି ପ୍ରଦାନ କରିଛି।

ଏହି ଅସାଧାରଣ ପ୍ରଦର୍ଶନ, ନିରନ୍ତର ଏବଂ ଦକ୍ଷ ବିଦ୍ୟୁତ ଉତ୍ପାଦନ ପାଇଁ ଓପିଜିସିର ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ସହ ଭାରତର ଏକ ଅଗ୍ରଣୀ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥା ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି।କର୍ପୋରେସନର ଏହି ଚମତ୍କାର ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର (PLF), ଉନ୍ନତ ପ୍ଲାଣ୍ଟ ପରିଚାଳନା, ସଠିକ୍ ରକ୍ଷଣାବେକ୍ଷଣ ଏବଂ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରତିଫଳିତ କରୁଛି।

ଓଡ଼ିଶାର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବାରେ ଏବଂ ଶିଳ୍ପର ଶ୍ରେଷ୍ଠ ପ୍ରଦର୍ଶନ ବଜାୟ ରଖିବାରେ ଓଡିଶା ପାୱାର ଜେନେରେସନ କର୍ପୋରେସନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଚାଲିଛି।


ସୁଶ୍ରୀ ସଙ୍ଗୀତା ମହାରଣା
ଲୋକସମ୍ପର୍କ ଅଧିକାରୀ